ଅରୁଣ ଜେଟଲୀ

ବିରୋଧୀ ଦଳର ନେତା, ରାଜ୍ୟସଭା

୪୩, ପାର୍ଲିଆମେଣ୍ଟ ହାଉସ

ନୂଆଦିଲ୍ଲୀ-୧୧୦୦୧

ଫୋ.ନଂ-୨୩୦୧୬୭୦୭

୨୩୦୩୪୮୮୩

ଫା.ନଂ-୨୩୭୯୩୪୩୩

ତା.୧୦.୧୨.୨୦୧୩

ସମ୍ମାନନୀୟ ଆନ୍ନାଜୀ,

୩୦.୧୧.୨୦୧୩ ରେ ଆପଣ ଲୋକପାଳ ବିଲ ସମ୍ପର୍କରେ ଯେଉଁ ପତ୍ର ଦେଇଥିଲେ ତାହା ମୁଁ ପାଇଅଛି । ମୁଁ ତଥା ଆମ ପାର୍ଟିର ସମସ୍ତ ସଦସ୍ୟ ଲୋକପାଳ ବିଲ ଖୁବ ଶୀଘ୍ର ଲାଗୁ ହେବା ପାଇଁ ଇଚ୍ଛା ପ୍ରକାଶ କରୁଅଛୁ । ତେବେ ମୁଁ ପ୍ରଥମେ ଆପଣଙ୍କ ଉକ୍ତ ଘଟଣା ନେଇ ଥିବା ଭ୍ରାନ୍ତ ବୁଝାମଣାକୁ ଦୂର କରିବାକୁ ଚାହେଁ । ୨୭.୧୨.୨୦୧୧ ରେ ଲୋକସଭାରେ ଯେଉଁ ଲୋକପାଳ ବିଲ ଅନୁମୋଦିତ ହୋଇଥିଲା ତାହା ଆଦୌ ଜନଲୋକପାଳ ବିଲ ନଥିଲା ଓ ସେଥିରେ ଆପଣଙ୍କ ବା ଆମର ଆଶା ପୂର୍ତ୍ତି ହେବାଭଳି କୌଣସି ସନ୍ଦେଶ ମଧ୍ୟ ନଥିଲା । ହେଲେ ସରକାର ନିଜ ସଂଖ୍ୟା ଗରିଷ୍ଠତାର ସହାୟତାରେ ଏହାକୁ ଲୋକସଭାରେ ପାରିତ କରାଇଥିଲେ । ଯେଉଁଠି ଲୋକପାଳ ଏକ ସ୍ୱତନ୍ତ୍ର ତଥା ନିରପେକ୍ଷ ସଂସ୍ଥା ନହୋଇ ବରଂ ଏକ ସରକାରୀ ନିୟନ୍ତ୍ରିତ ସଂସ୍ଥା ଭଳି ଥିଲା । ୨୯.୧୨.୨୦୧୧ ରେ ଉକ୍ତ ବିଲଟି ରାଜ୍ୟସଭାକୁ ଆସିଥିଲା । ଆମେ ବିରୋଧୀ ଦଳ ଏହାର ବିରୋଧ କରିବା ସହ ସେଥିରେ କିଛି ସଂଶୋଧନ ଆଣିବାକୁ ଚାହିଁଥିଲୁ । ଯାହା ଫଳରେ ଲୋକପାଳ ଏକ ବିଶ୍ୱସ୍ତ ତଥା ନ୍ୟାୟିକ ସଂସ୍ଥା ହୋଇପାରିଥାଆନ୍ତା । ରାଜ୍ୟସଭାର ଚେୟାରମ୍ୟାନ ସଦନକୁ ସ୍ଥଗିତ ରଖିବାରୁ ତାହା ଅଟକି ଯାଇ ପରେ ଉକ୍ତ ବିଲକୁ ବିବେଚନା କମିଟି ପାଖକୁ ପଠଯାଇଥିଲା । ମୁଁ, ଶ୍ରୀ ରାଜୀବ ପ୍ରସାଦ ରୁଡ଼ୀ ଓ ଶ୍ରୀ ଭୂପିନ୍ଦର ଯାଦବ ଉକ୍ତ କମିଟିର ସଦସ୍ୟ ହିସାବରେ କିଛି ପରାମର୍ଶ ଦେଇଥିଲୁ । ମାତ୍ର କମିଟି ଆମର କିଛି ଆବଶ୍ୟକୀୟ ପରାମର୍ଶକୁ ଅଣଦେଖା କରିଦେଇଥିଲା । ମୁଁ ୧.୨.୨୦୧୩ ରେ ଓ ୫.୦୩.୨୦୧୩ ରେ ରାଜ୍ୟସଭାରେ ଉକ୍ତ ପ୍ରସଙ୍ଗକୁ ଉଠାଇଥିଲି । ଯଦିଓ ତାହା ଆଲୋଚନାର ବିଷୟବସ୍ତୁ ନୁହେଁ ତଥାପି

ମୁଁ ତଥା ମୋର ସହକର୍ମୀମାନେ ଏକ ସ୍ୱଚ୍ଛ ଲୋକପାଳ ବିଲକୁ ଆଣିବା ପାଇଁ କିଭଳି ଭାବରେ ପ୍ରୟାସ କରିଅଛୁ ତାହାର ସମସ୍ତ ବିବରଣୀ ଦେଉଅଛି ।

ଆପଣଙ୍କର

ଅରୁଣ ଜେଟଲୀ

**ବିରୋଧୀ ଦଳର ନେତା, ରାଜ୍ୟସଭା ଶ୍ରୀ ଅରୁଣ ଜେଟଲୀଙ୍କ ୨୯.୧୧.୨୦୧୧ ରେ ଲୋକପାଳ ଓ ଲୋକାୟୁକ୍ତ ନେଇ ଦେଇଥିବା ବିସ୍ତୃତ ବିବରଣୀ ।**

ଆଜି ଇତିହାସ ଆମକୁ ଭ୍ରଷ୍ଟାଚାରୀ ମାନଙ୍କୁ ଦଣ୍ଡ ଦେବା ପାଇଁ ଏବଂ ଏକ ନ୍ୟାୟପୂର୍ଣ୍ଣ ସଂସ୍ଥା ଗଠନ କରିବାକୁ ସୁବର୍ଣ୍ଣ ସୁଯୋଗ ଦେଇଅଛି । ମାତ୍ର ଆମେ ଏକ ଦୁର୍ବଳ ଲୋକପାଳ ବିଲ ଲାଗୁ କରି ଉକ୍ତ ସୁଯୋଗକୁ ହାତଛଡ଼ା କରିବାକୁ ଯାଉଅଛୁ ।

**ଆଜିର ସ୍ଥିତି**

ବର୍ତ୍ତମାନ ଆମେ ଏପରି ସମାଜରେ ବାସ କରୁଛୁ ଯେଉଁଠି ଜନତା ସରକାରଙ୍କ ଉପରୁ ଆସ୍ଥା ଓ ବିଶ୍ୱାସ ହରାଇ ବସିଛନ୍ତି । ବିଶ୍ୱର ଏକ ବିରାଟ ଗଣତାନ୍ତ୍ରିକ ରାଷ୍ଟ୍ରର ରାଜନୀତିରେ ଆର୍ଥିକ ଲେଣ ଦେଣ ମଧ୍ୟ ସ୍ୱଚ୍ଛ ନୁହେଁ । ଜମି ଖଣି, ମଦ୍ୟ, ମ୍ୟୁନିସିପାଲଟି, ପ୍ରାକୃତିକ ସମ୍ପଦ, ରାଜସ୍ୱ ଆଦି ପ୍ରତ୍ୟେକ କ୍ଷେତ୍ର ଆଜି ଭ୍ରଷ୍ଟାଚାରରେ ଲିପ୍ତ । ଭ୍ରଷ୍ଟାଚାର ବିରୋଧରେ ଲଢ଼େଇ ମଧ୍ୟ ହେଉନାହିଁ କହିଲେ ଚଳେ ଏବଂ ଏଥି ନେଇ ନ୍ୟାୟିକ ପନ୍ଥା ମଧ୍ୟ ମନ୍ଥର ଓ ସମୟ ସାପେକ୍ଷ ହୋଇଥିବାରୁ ସର୍ବସାଧାରଣଙ୍କ ତରଫରୁ ଆକ୍ରୋଶ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ତେଣୁ ଆମେ ସମସ୍ତ ରାଜନେତା ଜନତାଙ୍କୁ ଏକ ସ୍ୱଚ୍ଛ ସରକାର ନଦେବା ଲାଗି ତାଙ୍କ ନିକଟରେ ଦୋଷୀ ଅଟୁ । ଏଭଳି ସ୍ଥିତିରେ ଏକ ଶକ୍ତ ତଥା ଦୃଢ଼ ଲୋକପାଳ ବିଲ ପ୍ରଣୟନ କରି ଆମେ ଜନତାଙ୍କର ଆସ୍ଥାଭାଜନ ହେବା ନା ଏକ ଦୁର୍ବଳ ବିଲ ପାଶ କରାଇ ଦେଶକୁ ଆହୁରି ଦୁଃସ୍ଥ ପରିସ୍ଥିତି ଆଡ଼କୁ ଟାଣି ନେବା ? କେବଳ ସରକାର ବା ତାଙ୍କ ସହଯୋଗୀ ଦଳ ନୁହନ୍ତି ବରଂ ସଦନରେ ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ଉକ୍ତ ବିଷୟକୁ ଖୁବ ଗମ୍ଭୀରତା ସହ ଚିନ୍ତା କରିବାକୁ ହେବ ।

**ସାମ୍ବିଧାନିକ ସଂଶୋଧନର ଆବଶ୍ୟକତା ଅଛି କି ?**

ସାମ୍ବିଧାନିକ ସଂଶୋଧନ ଦ୍ୱାରା ଲୋକପାଳ ବା ଲୋକାୟୁକ୍ତକୁ ଏକ ସ୍ୱତନ୍ତ୍ର ମର୍ଯ୍ୟଦା ମିଳି ପାରିବ ନାହିଁ । ଶାସକ ଦଳ ସମ୍ବିଧାନିକ ସଂଶୋଧନ କଥା କହି ଲୋକପାଳ ବିଲର ଏକ ଅସ୍ପଷ୍ଟ ପ୍ରତିଛବି ଆଙ୍କିବାକୁ ଚାହୁଁଛନ୍ତି । ଯାହାଦ୍ୱାରା ଲୋକପାଳ ପାଖରେ କୌଣସି କ୍ଷମତା ରହିବନାହିଁ କହିଲେ ମଧ୍ୟ ଭୂଲ ହେବନାହିଁ । କୌଣସି ପ୍ରକାରର ସାମ୍ବିଧାନିକ ସଂଶୋଧନ ନଆଣି କେବଳ ଏକ ସାଧାରଣ ନିୟମ ପ୍ରଣୟନ ଦ୍ୱାରା ମଧ୍ୟ ତାହା ହୋଇପାରିବ । କାରଣ ସାମ୍ବିଧାନିକ ସଂଶୋଧନ ଆଣିବା ସଂସଦର କ୍ଷମତାର ପରିସରଭୁକ୍ତ ନୁହେଁ ।

**ବିଲରେ କଅଣ ଅଛି ?**

ଏହାର କ୍ଲଜ-୪ ଅନୁଯାୟୀ ସମଗ୍ର ନିଯୁକ୍ତି ପଦ୍ଧତି ସରକାରଙ୍କ ଦ୍ୱାରା ନିୟନ୍ତ୍ରିତ । ବିବେଚନା କମିଟିର ୫ ଜଣ ସଦସ୍ୟଙ୍କ ମଧ୍ୟରୁ ୩ ଜଣ ସରକାରଙ୍କର ପ୍ରତିନିଧି ରହିବେ । ତଦନ୍ତ କମିଟିର ସଦସ୍ୟଙ୍କ ଗୁଣାବଳି ମଧ୍ୟ ଅସ୍ପଷ୍ଟ ଅଟେ । କ୍ଲଜ-୨୭ ଅନୁଯାୟୀ ବହିଷ୍କାର କରିବାର ପଦ୍ଧତି ମଧ୍ୟ ସରକାରଙ୍କ ଦ୍ୱାରା ନିୟନ୍ତ୍ରିତ । ଯଦି କୌଣସି ବ୍ୟକ୍ତି ଲୋକପାଳଙ୍କ ବିରୋଧରେ ଯିବ ତେବେ ସେ ପ୍ରଥମେ ସରକାରଙ୍କ ପାଖକୁ ଯିବ ଓ ସରକାର ନିର୍ଦ୍ଧାରଣ କରିବେ କି ଉକ୍ତ ବ୍ୟକ୍ତି ସୁପ୍ରିମକୋର୍ଟକୁ ଯିବ ନା ନାହିଁ । କୌଣସି ଲୋକପାଳଙ୍କୁ ଯୋଗ୍ୟ ମନେ ନକଲେ ସରକାର ତାଙ୍କୁ ନିଲମ୍ବିତ ମଧ୍ୟ କରିପାରନ୍ତି । ଉକ୍ତ କ୍ଷମତା ସରକାରଙ୍କ ବଦଳରେ ମାନ୍ୟବର ସୁପ୍ରିମକୋର୍ଟକୁ ଦିଆଯାଇ ପାରିଥାଆନ୍ତା । ଏହା ଲୋକପାଳଙ୍କ ମୁଣ୍ଡରେ ଏକ ପ୍ରକାରରେ ତୀକ୍ଷ୍ଣ ଖଡ୍ଗ ଝୁଲାଇବା ଭଳି ମନେହୁଏ । ସେକ୍ସନ-୧୦ ଅନୁଯାୟୀ ଲୋକପାଳର ସମସ୍ତ ସଦସ୍ୟ ସରକାରଙ୍କ ଦ୍ୱାରା ମନୋନୀତ ଏକ ପ୍ୟାନେଲ ଦ୍ୱାରା ନିଯୁକ୍ତ ।

**ତଦନ୍ତ ପ୍ରକ୍ରିୟା**

ଏହାର ତଦନ୍ତର ପ୍ରକ୍ରିୟା ମଧ୍ୟ ଅତ୍ୟନ୍ତ ବିଚିତ୍ର ଅଟେ । ଯେତେବେଳେ ଲୋକପାଳଙ୍କ ପାଖକୁ କୌଣସି ଅଭିଯୋଗ ଆସିବ ସେ ପ୍ରଥମେ ସ୍ଥିର କରିବେ ତଦନ୍ତ କରିବେ କି ନାହିଁ । ଯଦି କରିବେ ତେବେ ପ୍ରାରମ୍ଭିକ ସ୍ତରରେ ଏକ ତଦନ୍ତ ଆରମ୍ଭ କରିବେ ଓ ସି.ଭି.ସି ହାତରେ ତଦନ୍ତର ଭାର ଦେବେ । 'କ' ଓ 'ଖ' ଶ୍ରେଣୀର କର୍ମଚାରୀଙ୍କ କ୍ଷେତ୍ରରେ ସି.ଭି.ସି ରିପୋର୍ଟକୁ ଲୋକପାଳଙ୍କ ପାଖକୁ ପଠାଇବ । ସେ ଏହାକୁ ସି.ବି.ଆଇ ହାତରେ ଦେବେ କି ନାହିଁ ତାହା ସ୍ଥିର କରିବେ । ସି.ବି.ଆଇ ତଦନ୍ତ କରିବା ପରେ ଅନ୍ତିମ ରିପୋର୍ଟ ଲୋକପାଳଙ୍କ ପାଖକୁ ପଠାଇବେ ଓ ସେମାନେ ଦଣ୍ଡ ବିଧାନ କରିବେ । ଏହା ଏକ ବିରଳ ତଦନ୍ତ ଯେଉଁଠି ତଦନ୍ତ ଗୋଟିଏ ସଂସ୍ଥା କରିବ ମାତ୍ର ଦଣ୍ଡ ବିଧାନ ଅନ୍ୟ ସଂସ୍ଥା କରିବ ।

**ସି.ବି.ଆଇ ର ସ୍ଥାନ**

ସି.ବି.ଆଇ ର ଡ଼ାଇରେକ୍ଟରଙ୍କୁ ଏକ ନିରପେକ୍ଷ ପଦ୍ଧତିରେ ନିଯୁକ୍ତି ଦେବା ଆବଶ୍ୟକ । ପୋସିକ୍ୟୁସନ ଡ଼ାଇରେକ୍ଟରଙ୍କୁ ମଧ୍ୟ ଉକ୍ତ ପଦ୍ଧତିରେ ନିଯୁକ୍ତି ଦେବା ଆବଶ୍ୟକ । ସରକାର ବା ଲୋକପାଳ କେହି ମଧ୍ୟ ସି.ବି.ଆଇ ତଦନ୍ତରେ ହସ୍ତକ୍ଷେପ କରିପାରିବେ ନାହିଁ । ବିଲର ସେକ୍ସନ-୨୫ ରେ ଯେଉଁଠି ଲୋକପାଳ ସି.ବି.ଆଇକୁ ନିର୍ଦ୍ଦେଶ ଦେବା କଥା ଉଲ୍ଲେଖ ହୋଇଛି ତାହାର ସଂଶୋଧନ ହେବା ଉଚିତ ।

**ଅଣସରକାରୀ ସଂସ୍ଥା**

କ୍ଲଜ ୧୪-୧ ଅନୁଯାୟୀ ଲୋକପାଳ ଯେଉଁ ଏନ.ଜି.ଓ, ସୋସାଇଟି ଓ ଟ୍ରଷ୍ଟ ଆଦିର କର୍ମଚାରୀଙ୍କ ବିରୋଧରେ ତଦନ୍ତ କରିପାରିବ ବୋଲି କୁହାଯାଇଛି ତାହ ଅସମାଚୀନ ଅଟେ । କ୍ଲଜ-୫୫ ଅନୁଯାୟୀ କୌଣସି ଭ୍ରଷ୍ଟାଚାରୀକୁ ଆର୍ଥିକ ବ୍ୟବସ୍ଥା ଦେବା ଓ ନ୍ୟାୟିକ ସୁବିଧା ଯୋଗାଇବା କଥା ମଧ୍ୟ ଅସମାଚୀନ ଅଟେ । ଏହା କୌଣସି ଅଣସରକାରୀ ସଂସ୍ଥାର ବ୍ୟାପାରରେ ଅନଧୀକାର ପ୍ରବେଶ କହିଲେ ମଧ୍ୟ ଭୁଲ ହେବନାହିଁ ।

**ସରକାର ଏକ ଦୁର୍ବଳ ବିଲକୁ ଆଣିଛନ୍ତି ।**

ଏଥିରେ ଆଇନ ସମ୍ବନ୍ଧୀୟ ତଥ୍ୟର ଅଭାବ ରହିଛି । ରାଜ୍ୟ ଲୋକାୟୁକ୍ତ ପାଖରେ ଦୁଇଟି କାର୍ଯ୍ୟ ରହିଅଛି ।

- ଦୋଷୀ ପାଇଁ ଦଣ୍ଡ ବିଧାନ କରିବାର କ୍ଷମତା ।

- ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ବିରୋଧରେ ବିଭାଗୀୟ ତଦନ୍ତ କରିବାର କ୍ଷମତା ।

ମାତ୍ର ରାଜ୍ୟ କର୍ମଚାରୀଙ୍କ ବିରୋଧରେ ତଦନ୍ତ କରିବା ରାଜ୍ୟ କ୍ଷମତର ପରିସରଭୁକ୍ତ ।

ତେବେ ସରକାର ଯଦି ରାଜ୍ୟରେ ଲୋକାୟୁକ୍ତ ଗଠନ କରିବେ ତେବେ ରାଜ୍ୟ ଗୁଡ଼ିକର କ୍ଷମତା ହ୍ରାସ ପାଇଯିବ ଓ ସେଠାରେ ପୂର୍ବର ଚାଲୁହୋଇଥିବା ଲୋକାୟୁକ୍ତ ବେକାର ହୋଇଯିବ । ତେଣୁ କ୍ଲଜ୬୪(୫) ର ବ୍ୟବସ୍ଥା ମଧ୍ୟ ଅନାବଶ୍ୟକ ଅଟେ ।

**ଆରକ୍ଷଣ ନେଇ**

ଉକ୍ତ ବିଲରେ ଧର୍ମ ନେଇ ଯେଉଁ ଆରକ୍ଷଣର ବ୍ୟବସ୍ଥା ରହିଛି ତାହା ସମ୍ପୂର୍ଣ୍ଣ ଭାବରେ ସମ୍ବିଧାନର ପରିସରର ବାହାରେ । ଏଠାରେ ଅନ୍ୟୁନ ୫୦%, ଅମୁକରୁ କମ ଆଦି ବାକ୍ୟ ବ୍ୟବହାର କରିବା ଦ୍ୱାରା ବହୁତ କଥା ଅସ୍ପଷ୍ଟ ହେଉଅଛି ।

**ସଦନର ମହତ୍ୱ**

ସିଟିଜେନ ଚାର୍ଟର ଓ ସମସ୍ତ ସରକାରୀ କର୍ମଚାରୀଙ୍କ ପାଇଁ ସଦନର ମହତ୍ୱ ରହିଅଛି । ମାତ୍ର ସରକାର ସିଟିଜେନ ଚାର୍ଟରଙ୍କ ପାଇଁ ଏକ ସ୍ୱତନ୍ତ୍ର ନିୟମ ପ୍ରଣୟନ କରିଛନ୍ତି । ସମସ୍ତ ଶ୍ରେଣୀର କର୍ମଚାରୀମାନେ ସମସ୍ତ ବ୍ୟବହାର ପାଇବା ଉଚିତ । ଏଠି ଲୋକପାଙ୍କୁ ନିଜ ନିୟମ ନିଜେ ତିଆରି କରିବାକୁ ହେବ । କାହାକୁ କି ଦାୟିତ୍ୱ ଦିଆଯିବ ତାହାର ଅଧିକାର ମଧ୍ୟ ଦିଆଯିବା ଆବଶ୍ୟକ ।

ଏକ ସଂସ୍ଥାର ନିର୍ମାଣ କରିବା କିଛି ସାଧାରଣ ଘଟଣା ନୁହେଁ । ଆଜି ଯେଉଁ ଅଖଣ୍ଡ ସଂସ୍ଥାର ନିର୍ମାଣ ହେବାକୁ ଯାଉଅଛି ତାହାକୁ ନିର୍ମାଣ ପୂର୍ବରୁ ଧ୍ୱଂସ କରିବାକୁ ଦେବାନାହିଁ । ଆମକୁ ଏକ ଦକ୍ଷ, ଦୃଢ଼ ତଥା ଶକ୍ତ ଲୋକପାଳ ଗଠନ କରିବାକୁ ହେବ । ଭ୍ରଷ୍ଟାଚାର ବିରୋଧରେ ଲଢ଼େଇ ଓ ସଂଘୀୟ ଢ଼ାଞ୍ଚାକୁ ଏକାଠି ରଖି ଏକ ଆଦର୍ଶ ଇତିହାସ ରଚନା କରିବାକୁ ହେବ । ଯଦି ଆମେ ଖରାପ ଇତିହାସ ରଚନା କରୁ ତେବେ ଆମର ଭବିଷ୍ୟତର ଦାୟଦମାନେ ଆମକୁ ଆଦୌ କ୍ଷମା କରିବେନାହିଁ ।

**ରାଜ୍ୟସଭାରେ ୨୦୧୩ ମାର୍ଚ୍ଚ ମାସରେ ହୋଇଥିବା ତର୍କ ।**

କିଛି ମନ୍ତ୍ରୀ ଯଦିଓ ଘଟଣାକୁ କ୍ରୋଧରେ ଆରମ୍ଭ କରିଥିଲେ ପରେ ରଷି ଯାଇ ସ୍ପେକ୍ଟ୍ରମକୁ ମାନ୍ୟବର ସୁପ୍ରିମକୋର୍ଟ ଦ୍ୱାରା ନିଲାମ କରାଯାଉ ବୋଲି ପ୍ରକାଶ କରିଥିଲେ । କମନ ୱେଲ୍‌ଥ ଗେମ ମଧ୍ୟ ଦେଶକୁ ବିଶ୍ୱରେ ପ୍ରତିଷ୍ଠିତ କରାଇବାର ଏକ ପ୍ରଶସ୍ତ ମାର୍ଗ ଦେଖାଇଥିଲା । ଆମେମାନେ ମଧ୍ୟ ଏଥିନେଇ ବହୁ ଗଠନ ମୂଳକ କାର୍ଯ୍ୟ କରିଥିଲୁ । ମାତ୍ର ଜନତା କମନ ୱେଲଥ ଗେମକୁ ସେଥିପାଇଁ ମନେରଖି ନାହାନ୍ତି ବରଂ ସେଥିନେଇ ହୋଇଥିବା ଭ୍ରଷ୍ଟାଚାର ପାଇଁ ମନେରଖିଛନ୍ତି । ଠିକ ସେହିପରି ଟୁ-ଜି ସ୍ପେକ୍ଟ୍ରମ ନେଇ ହୋଇଥିବା ଦୁର୍ନୀତି ସମଗ୍ର ଟେଲିକମ ଜଗତର ବିଜୟ ଯାତ୍ରାକୁ ଦିଶାହୀନ କରିଦେଲା । କୋଇଲା ଦୁର୍ନୀତି ମଧ୍ୟ ଠିକ ସେହିପରି । ଭି.ଭି.ଆଇ.ପି ହେଲିକ୍ୟାପ୍ଟର ଡ଼ିଲରେ କିଏ ଲାଞ୍ଚ ଗ୍ରହଣ କରିଛି ତାହା ଖୋଜିବା ପରିବର୍ତ୍ତେ ଓଲଟା ଏକ ସାଂସଦଙ୍କ ଦ୍ୱାରା ଜେ.ପି.ସି ଗଠନ କରି ତାଙ୍କୁ ତଦନ୍ତ କରିବାର ଭାର ଦିଆ ଯାଉଛି । ସାଂସଦଙ୍କ ପାଖରେ ସେଭଳି କିଛି କ୍ଷମତା ନାହିଁ କି ସେମାନେ ବାହାର ଦେଶର ସରକାରଙ୍କୁ ଚିଠି ଦେବେ । କୌଣସି ବିଲକୁ ଆପଣ ଲୋକସଭାରେ

ପାରିତ କରାଇ ପୁଣି ରାଜ୍ୟସଭାରେ ଯେତେବେଳେ ପାରିତ ହେଉନାହିଁ ତ ବିବେଚନା କମିଟି ପାଖକୁ ପଠାଉଛନ୍ତି । ଆଜି ବିବେଚନା କମିଟିର ଅଧ୍ୟକ୍ଷ ଶ୍ରୀ ଚତୁର୍ବେଦୀ ଜୀ ଏଠାରେ ଉପସ୍ଥିତ ନାହାନ୍ତି । ତେବେ ସେଠାରୁ ଯେଉଁ ରିପୋର୍ଟ ଆସିଥିଲା ସରକାର ତାହାକୁ ବଦଳାଇ ଦେଉଛନ୍ତି । ଉଦାହରଣ ସ୍ୱରୂପ ଯଦି କୌଣସି ଅଧିକାରୀଙ୍କ ବିରୋଧରେ ଭ୍ରଷ୍ଟାଚାରର ଆରୋପ ଲାଗୁଛି ତେବେ ସେ ପ୍ରଥମେ ଲୋକପାଳଙ୍କ ପାଖକୁ ଯିବେ ଓ ଲୋକପାଳ ତାଙ୍କୁ ସମସ୍ତ କାଗଜ ପତ୍ର ଦେବେ ଓ ଶୁଣାଣି କରିବେ । ବିବେଚନା କମିଟି ଏହା କରିବାକୁ ସ୍ପଷ୍ଟ ମନା କରିଥିଲା । କାରଣ ଯଦି କାହା ବିରୋଧରେ ଆରୋପ ଲାଗୁଛି, ବା କିଏ ଲାଞ୍ଚ ନେଉଅଛି, ବା କାହା ପାଖରେ କଳା ଧନ ରହିଛି ତେବେ ଅଚାନକ ତାଙ୍କ ଘର ରେଡ଼ କରି ତାହାକୁ ଜବତ କରିବା ଆବଶ୍ୟକ । ହେଲେ ପ୍ରଥମେ ତାହାଙ୍କୁ ନୋଟିସ ଦେବେ । ଫଳରେ ସେମାନେ ସମସ୍ତ ସାକ୍ଷ୍ୟ ପ୍ରମାଣ ନଷ୍ଟ କରିଦେବେ । ତାହା ପରେ କଅଣ କରାଯାଇ ପାରିବ ? ଏହି ପ୍ରସ୍ତାବକୁ ମଧ୍ୟ ଅଣଦେଖା କରାଗଲା ।

କୌଣସି କେଶର ତଦନ୍ତ ସମୟରେ ଯଦି କୌଣସି ଅଫିସରଙ୍କୁ ବଦଳି କରାଯିବ ତେବେ ସରକାରଙ୍କର ନୁହେଁ ବରଂ ଲୋକପାଳଙ୍କ ପରାମର୍ଶ ଆବଶ୍ୟକ ।

ଆଜି ବି ସମୟ ଯାଇନାହିଁ । ସରକାରଙ୍କୁ ନିଜ ବିଶ୍ୱସ୍ଥତା ପ୍ରତିପାଦିତ କରିବାକୁ ଆହୁରି ସୁଯୋଗ ରହିଅଛି । ଯାହାଦ୍ୱାରା ଦେଶର ସ୍ଥିତି ହୁଏତ ବଦଳି ଯାଇପାରିବ ।

କାଶ୍ମୀର ଦେଶର ଏକ ଅବିଚ୍ଛେଦ୍ୟ ଅଙ୍ଗ ଏଥିରେ ସନ୍ଦେହର ଅବକାଶ ନାହିଁ । ସେଠାରେ ଥିବା ବିଚ୍ଛିନ୍ନତାବାଦୀଙ୍କ ସହ ଆଦୌ ବୁଝାମଣା କରାଯାଇ ନପାରେ । ସେଠାରେ ଥିବା ଜନତାଙ୍କ ଭାବନାକୁ ବୁଝିବା, ସେଠାକାର ବିକାଶ ପ୍ରତି ଯତ୍ନଶୀଳ ହେବା ସହ ସେଠାକାର ଅଧିକାରୀଙ୍କ ପ୍ରତି ମଧ୍ୟ ସହାନଭୂତି ଦେଖାଇବା ଆବଶ୍ୟକ । ସେଠାକାର ବହୁ ରାଜନୈତିକ ମିତ୍ରମାନେ ସେଠାରେ ସୁଶାସନ ଦେବା ପାଇଁ କହୁଛନ୍ତି । ଯାହାଫଳରେ ସେଠାକାର ଜନତା ସରକାରଙ୍କ ନିକଟତର ହୋଇ ପାରିବେ । ମୁଁ ବହୁବାର ସେଠାକୁ ଯିବାର ସୁଯୋଗ ପାଇଛି ଓ ବାସ୍ତବରେ ସେଠାରେ ଏକ ଆଶାପୂର୍ଣ୍ଣ ଭାରତକୁ ଦେଖିଛି । ସେଠାରେ ଭି ଏକ ଆଶାବାଦୀ ଗୋଷ୍ଠି ଅଛନ୍ତି । ସେମାନେ ହିଂସା ଓ ବିଚ୍ଛିନ୍ନତାବାଦକୁ ପସନ୍ଦ କରନ୍ତି ନାହିଁ । ସେମାନେ ଏ ଦେଶର ଆଦର୍ଶରେ ଅନୁପ୍ରାଣିତ ହେବାକୁ ଚାହାନ୍ତି । ତେଣୁ ଆମକୁ ଉକ୍ତ ଆଶାବାଦୀ ଗୋଷ୍ଠିଙ୍କୁ ଦୃଷ୍ଟିରେ ରଖି ଚାଲିବାକୁ ହେବ ।

**ପୁଣି କାହିଁକି ଲୋକପାଳ ବିଲକୁ ଦୁର୍ବଳ କରିଦିଆଗଲା ?**

**ତା.୦୧.୦୨.୨୦୧୩**

**ଅରୁଣ ଜେଟଲୀ, ବିରୋଧୀ ଦଳର ନେତା, ରାଜ୍ୟସଭା**

ଦୀର୍ଘ ୪୫ ବର୍ଷ ହେବ ଲୋକପାଳ ବିଲ ଜନତାଙ୍କ ତର୍କର ବିଷୟବସ୍ତୁ ହୋଇଅଛି । ମାତ୍ର ଦେଶର ରାଜନୈତିକ ଦଳ ଏକ ଦୃଢ଼ ତଥା ନିରପେକ୍ଷ ଲୋକପାଳ ବିଲ କରିବାକୁ ଦେବାକୁ ଚାହୁଁନାହାନ୍ତି ବୋଲି ସମସ୍ତଙ୍କର ମନେହୁଏ । ମାତ୍ର ବର୍ତ୍ତମାନ ଆନ୍ନା ହଜାରେଙ୍କ ଭ୍ରଷ୍ଟାଚାର ବିରୋଧରେ ହୋଇଥିବା ଲଢ଼େଇରୁ ଏହା ପୁଣି ଜନତାଙ୍କ ସାମ୍ନାକୁ ଆସିଅଛି । ସରକାର ଏଥିନେଇ ଯେଉଁ ଡ୍ରାଫ୍ଟ କରିଛନ୍ତି ତାହା ସମ୍ପୂର୍ଣ୍ଣ ନିରର୍ଥକ କହିଲେ ଚଳିବ । ଏଠାରେ ଲୋକପାଳଙ୍କ ନିଯୁକ୍ତି, ତଦନ୍ତକାରୀନିଯୁକ୍ତି, ତଦନ୍ତ ପ୍ରକ୍ରିୟା ଆଦି ସରକାରଙ୍କ ଦ୍ୱାରା ନିୟନ୍ତ୍ରିତ । ୨୯.୧୨.୨୦୧୧ ରେ ରାଜ୍ୟସଭାରେ ହୋଇଥିବା ତର୍କରେ ବିରୋଧୀ ଦଳର ସମସ୍ତ ସଦସ୍ୟ ଏହାର ବିରୋଧ କରିଥିଲେ । ତାହା ପରେ ଉକ୍ତ ବିଲଟି ୧୫ ଜଣ ସଦସ୍ୟ ବିଶିଷ୍ଟ ଏକ ବିବେଚନା କମିଟିକୁ ଯାଇଥିଲା । ଯାହାକୁ ଏକ ବରିଷ୍ଠ କଂଗ୍ରେସ କର୍ମୀ ଶ୍ରୀ ସତ୍ୟବ୍ରତ ଚତୁର୍ବେଦୀ ଅଧ୍ୟକ୍ଷତା କରିଥିଲେ । ମାତ୍ର ବିବେଚନା କମିଟି ଯେଉଁ ତଥ୍ୟ ଦେଇଥିଲା ସରକାର ସେଥିରେ ମଧ୍ୟ ସଂଶୋଧନ କରିଥିଲେ । ବିବେଚନା କମିଟିର ବିଭାଗୀୟ ଦାୟିତ୍ୱରେ ଥିବା ମନ୍ତ୍ରୀ ଭି.ନାରାୟଣ ସ୍ୱାମୀ କହିଥିଲେ କି, ସରକାର ବିବେଚନା କମିଟିର ଦୁଇଟି ପରାମର୍ଶକୁ ଗ୍ରହଣ କରିନଥିଲେ । ବିବେଚନା କମିଟିର ରିପୋର୍ଟ ଗୋଟିଏ ପ୍ରାକାରର ସଦନର ସମ୍ପତ୍ତି କହିଲେ ଭୂଲ ହେବନାହିଁ । ଥରେ ରିପୋର୍ଟ ଆସିବା ପରେ ସରକାରଙ୍କ ତାହାକୁ ସଂଶୋଧନ କରିବାର କୌଣସି ଅଧିକାର ନାହିଁ । ମାତ୍ର ତାହାର ଆଲୋଚନା ସମୟରେ କୌଣସି ସଦସ୍ୟ ପରାମର୍ଶ ଦେଇପାରନ୍ତି । ହେଲେ ମୁଁ ଉକ୍ତ ଦୁଇଟି ସଂଶୋଧନକୁ ଆଦୌ ଉଚିତ ମନେ କରୁନାହିଁ । ତାହା ହେଲା,

୧–କୌଣସି ସରକାରୀ ଚାକିରିଆଙ୍କ ବିରୋଧରେ ଅଭିଯୋଗ ଆସିଲେ ଲୋକପାଳଙ୍କ ତରଫରୁ ତାଙ୍କ ପାଖକୁ ଏକ ନୋଟିସ ଦିଆଯିବ । ତାଙ୍କୁ କହିବାର ସୁଯୋଗ ଦିଆଯିବ । କାରଣ ଏହାକୁ କମିଟିରେ ଆଦୌ ଗ୍ରହଣ କରାଯାଇ ନଥିଲା । କାରଣ ପୂର୍ବ ନୋଟିସ ଦ୍ୱାରା ସେମାନେ ସଚେତନ ହୋଇ ସାକ୍ଷ୍ୟ ଓ ପ୍ରମାଣକୁ ନଷ୍ଟ କରିଦେବେ ଓ ଦୋଷୀକୁ ସପ୍ରମାଣେ ଧରିବା ସମ୍ଭବପର ହେବନାହିଁ । ତଦନ୍ତ ହଠାତ ବା ଆଶ୍ଚର୍ଯ୍ୟ ଜନକ ପଦ୍ଧତିରେ ହେବା ଆବଶ୍ୟକ । ତଦନ୍ତ ସମୟରେ ତାକୁ ତଥ୍ୟ ଯୋଗାଡ଼ କରିବାର ସୁଯୋଗ ମଧ୍ୟ ଦେବା ଅନୁଚିତ । ତାହା କେବଳ ଟ୍ରାଏଲ କୋର୍ଟରେ ହିଁ ତାହା ହୋଇପାରିବ ।

୨–କୌଣସି ତଦନ୍ତକାରୀ ଅଫିସରଙ୍କ ବଦଳି ଲୋକପାଳଙ୍କ ପରାମର୍ଶ ବା ଅନୁମୋଦନ ବିନା କରାଯିବ । ସି.ବି.ଆଇ ର ଜଣେ ଅଫିସରଙ୍କୁ ଭୟ ଶୂନ୍ୟ ଓ ନିରପେକ୍ଷ ଭାବରେ କାର୍ଯ୍ୟ କରିବା ଆବଶ୍ୟକ । ଅଧା ତଦନ୍ତରୁ ତାହାର ବଦଳି ବା ତାହାକୁ ଲୋଭ ଦେଖାଇ ଦବାଇବା ଦ୍ୱାରା ଏକ ନିରପେକ୍ଷ ତଦନ୍ତ ଆଦୌ ଆଶା କରାଯାଇ ନପାରେ । ଉକ୍ତ ପରାମର୍ଶକୁ ବାତିଲ କରିବାର କାରଣ ସରକାରଙ୍କୁ ଦର୍ଶାଇବାକୁ ହେବ ।

୩–ଅବସର ପ୍ରାପ୍ତି ପରେ ଜଣେ ସି.ବି.ଆଇ ଡ଼ାଇରେକ୍ଟରଙ୍କୁ ପୁନଃ ନିଯୁକ୍ତି ନ ଦେବାର ପରାମର୍ଶକୁ ମଧ୍ୟ ଅଣଦେଖା କରିଥିଲେ । ଏପରି କରିବା ଦ୍ୱାରା ପୁନଃ ନିଯୁକ୍ତିର ଲୋଭ ଜଣେ କର୍ମଚାରୀକୁ ସ୍ୱଚ୍ଛ ତଥା ନିରପେକ୍ଷ ତଦନ୍ତ କରିବାକୁ ଦେବନାହିଁ ।

୪–ଧର୍ମ ନେଇ ଆରକ୍ଷଣର ବ୍ୟବସ୍ଥାକୁ ମଧ୍ୟ ବିବେଚନା କମିଟି ବାରଣ କରିଥିଲେ ମଧ୍ୟ ଉକ୍ତ ପ୍ରସ୍ତାବକୁ ସରକାର ଅଣଦେଖା କରିଦେଇଥିଲେ । କୌଣସି ଆରକ୍ଷଣରେ ଏତିକିରୁ କମ ନୁହେଁ କହିବାର ଅର୍ଥ ତାହା ୧୦୦% କୁ ମଧ୍ୟ ସୂଚାଇବ । ଯାହାକି ସାମ୍ବିଧାନିକ ନୀତି ନିୟମକୁ ମଧ୍ୟ ଉଲଙ୍ଘନ କରୁଅଛି ।

**ସମ୍ମାନନୀୟ ଅଧ୍ୟକ୍ଷ,**

**ଲୋକପାଳ ଓ ଲୋକାୟୁକ୍ତ ର ବିବେଚନା କମିଟି, ୨୦୧୨ (ରାଜ୍ୟସଭା)**

ମହାଶୟ,

ଆମେ ୨୦୧୨ ଲୋକପାଳ ଓ ଲୋକାୟୁକ୍ତ ନେଇ ହୋଇଥଇବା ବିଲ ଯାହା ଲୋକସଭାରେ ଅନୁମୋଦିତ ହୋଇଥିଲା, ତାହାର ସଂଶୋଧନ ୧୪୮ ରୁ ୧୬୪ ସମ୍ପର୍କରେ କିଛି କହିବାକୁ ଚାହୁଁଅଛୁ ।

**୧– ରାଜ୍ୟରେ ଲୋକାୟୁକ୍ତ ଗଠନ ରାଜ୍ୟ ନୀତି ନିୟମର ପରିସର ମଧ୍ୟରେ ରହିବା ଉଚିତ ।**

ଭାରତ ବହୁ ରାଜ୍ୟର ସମାହାରରେ ଗଠିତ ହୋଇଅଛି । ସଙ୍ଘୀୟ ଢ଼ାଞ୍ଚା ଯାହାର ସମ୍ବିଧାନର ମୂଳଦୁଆ । ରାଜ୍ୟରେ ଲୋକାୟୁକ୍ତ ଗଠନରେ ରାଜ୍ୟର ବିଭିନ୍ନ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ତାଙ୍କ ବିରୋଧରେ ବିଭାଗୀୟ ତଦନ୍ତ ମଧ୍ୟ କରାଯିବ । ତେଣୁ କେନ୍ଦ୍ର ସରକାରଙ୍କ ଦ୍ୱାରା ଲୋକାୟୁକ୍ତ ଗଠନ କରାଯାଇ ନୀତି ନିୟମ ପ୍ରଣୟନ କରିବା ରାଜ୍ୟ କ୍ଷମତା ମଧ୍ୟକୁ ଅନଧୀକାର ପ୍ରବେଶ ସହ ଦେଶର ଗଣତାନ୍ତ୍ରିକ ଶାସନରେ ସଙ୍ଘୀୟ ଢ଼ାଞ୍ଚା ଉପରେ କୁଠାରାଘାତ କହିଲେ ମଧ୍ୟ ଅତ୍ୟୁକ୍ତି ହେବନାହିଁ ।

୧– ୧୯୭୩ ମସିହା ପୂର୍ବରୁ କେଶବାନନ୍ଦ ଭାରତୀ କେଶରେ ମାନ୍ୟବର ସୁପ୍ରିମ କୋର୍ଟ ପ୍ରକାଶ କରିଥିଲେ କି, ସମ୍ବିଧାନର ମୂଳ ଭିତ୍ତିକୁ କୌଣସି ପ୍ରକାରରେ ସଂଶୋଧନ କରାଯାଇ ନପାରେ । ନୀତି ନିୟମ ତିଆରି ନାଆରେ ବା ଆନ୍ତର୍ଜାତୀୟ ଡ଼ିଲ ନାଆରେ ଉକ୍ତ ସାମ୍ବିଧାନିକ ନୀତି ନିୟମକୁ ଆଦୌ ଅଣଦେଖା କରାଯାଇ ନପାରେ ।

୨–ମିଳିତ ଜାତିସଙ୍ଘରେ ଭ୍ରଷ୍ଟାଚାର ବିରୋଧରେ ମତାମତ ଦେଇ କହିଅଛି କି, ରାଜ୍ୟ ଗୁଡ଼ିକର ଘରୋଇ ନୀତି ନିୟମ ଅନୁଯାୟୀ ଆଇନ ପ୍ରଣୟନ ହେବା ଆବଶ୍ୟକ ।

୩ – ରାଜ୍ୟର କିଛି ଘରୋଇ ନୀତି ନିୟମକୁ ଉଲଙ୍ଘନ କରି ଏପରି ଆଇନ ପ୍ରଣୟନ କଥା କେଉଁଠାରେ ମଧ୍ୟ ଉଲ୍ଲେଖ ହୋଇନାହିଁ ।

ସମ୍ବିଧାନର ଆର୍ଟିକିଲ ୨୫୨ ଅନୁଯାୟୀ ଯେଉଁ ଆଇନ ପ୍ରଣୟନ ହୋଇଅଛି ତାହାର ସଂଶୋଧନ ନେଇ କିଛି ପରାମର୍ଶ –

୧–ଯେଉଁ ନିୟମ ଲାଗୁ ହେବ ସେଥିରେ ପ୍ରତ୍ୟେକ ରାଜ୍ୟ ନିଜ ରାଜ୍ୟ ଆଇନ ଅନୁଯାୟୀ ରାଜ୍ୟରେ ଲୋକାୟୁକ୍ତ ଲାଗୁ କରିବା ପାଇଁ ବାଧ୍ୟ ଅଟନ୍ତି ।

୨–ଯଦି ଉକ୍ତ ନିୟମର ଭାଗ–୩ ରେ ଆର୍ଟିକିଲ ୨୫୨ ଅନୁଯାୟୀ ରାଜ୍ୟରେ ଲୋକାୟୁକ୍ତ ଲାଗୁ ହେବ ତେବେ ପାର୍ଲିଆମେଣ୍ଟ ଦୁଇ ବା ତତୋଧିକ ରାଜ୍ୟରେ ଆଇନ ପ୍ରଣୟନ ପାଇଁ ଏକ ରିଜୋଲୁସନ ପାରିତ କରାଇବାକୁ ହେବ ।

୩–ନଚେତ କମିଟିର କିଛି ସଦସ୍ୟଙ୍କ ଦ୍ୱାରା ଲୋକପାଳ ବିଲର ନିୟମାନୁସାରେ ଏକ ଅନୁମୋଦିତ ନିୟମ ଲାଗୁ କରାଯାଇ କୌଣସି ସଂଶୋଧନ ବିନା ରାଜ୍ୟକୁ ଲାଗୁ କରାଯିବା ପାଇଁ ପଠାଯିବ ।

**ଲୋକପାଳଙ୍କ ନିଯୁକ୍ତି**

ଆମେ ବିଶ୍ୱାସ କରୁ କି, ଡ୍ରାଫ୍ଟ ବିଲର  କ୍ଲଜ–୪ କୁ ସଂଶୋଧନ କରାଯିବା ଆବଶ୍ୟକ । ବର୍ତ୍ତମାନ ବିବେଚନା କମିଟି ପ୍ରାୟତଃ ସରକାରଙ୍କ ପକ୍ଷରେ ଯାଉଅଛି । ଜଣେ ଆଇନ ବିଶେଷଜ୍ଞଙ୍କୁ ରାଷ୍ଟ୍ରପତିଙ୍କ ଦ୍ୱାରା ମନୋନୀତ କରିବା ଆବଶ୍ୟକ । ମାତ୍ର ସେ ଉକ୍ତ ଲୋକପାଳର ପଞ୍ଚମ ସଦସ୍ୟ

ହେବେ । ବାକି ଚାରି ଜଣ ସଦସ୍ୟ ପ୍ରଧାନ ମନ୍ତ୍ରୀ, ବାଚସ୍ପତି, ବିରୋଧୀ ଦଳର ନେତା ଏବଂ ସୁପ୍ରିମ କୋର୍ଟର ମୁଖ୍ୟ ବିଚାରପତିଙ୍କ ଦ୍ୱାରା ମନୋନୀତ ହୋଇ ନିଯୁକ୍ତ ହେବ ।

**ଲୋକପାଳଙ୍କୁ ବହିଷ୍କାର କରିବା କରିବା ପଦ୍ଧତି ।**

କ୍ଲଜ ୩୭ ଅନୁଯାୟୀ ଲୋକପାଳଙ୍କୁ ବହିଷ୍କାର କରିବାର ଦାୟିତ୍ୱ ସରକାରଙ୍କୁ ଦିଆଯିବା କଥା ନେଇ ବି.ଜେ.ପି ପ୍ରତିବାଦ କରେ । ଉକ୍ତ କ୍ଷମତା ସରକାରଙ୍କୁ ନଦେଇ ବରଂ ମାନ୍ୟବର ସୁପ୍ରିମ କୋର୍ଟ ହାତରେ ଦିଆଯିବା ଆବଶ୍ୟକ ।

**ଲୋକପାଳଙ୍କ ସଦସ୍ୟ ଓ ଅଫିସରଙ୍କ ନିଯୁକ୍ତି**

ଉକ୍ତ ଡ୍ରାଫ୍ଟ ବିଲରେ ତଦନ୍ତକାରୀ ସଂସ୍ଥାର ଡ଼ାଇରେକ୍ଟର, ପ୍ରୋସିକ୍ୟୁସନର ଡ଼ାଇରେକ୍ଟର ଓ ଅନ୍ୟ ସଦସ୍ୟ ମାନଙ୍କୁ ମଧ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା ପ୍ୟାନେଲ ଦ୍ୱାରା ନିଯୁକ୍ତ ହବା କଥା ଉଲ୍ଲେଖ ହୋଇଅଛି । ତାହାକୁ ବି.ଜେ.ପି ପ୍ରତିବାଦ କରେ ।

**ଲୋକପାଳର ନ୍ୟାୟିକ ପନ୍ଥା**

ଉକ୍ତ ବିଲର କ୍ଲଜ ୧୪ ର ମଧ୍ୟ ସଂଶୋଧନ ଆବଶ୍ୟକ । ଏଥିରେ ସରକାରୀ କର୍ମଚାରୀ ବା ସରକାରଙ୍କ ପାଇଁ କାର୍ଯ୍ୟ କରୁଥିବା ବ୍ୟକ୍ତି ବା ସରକାରଙ୍କଠାରୁ ଆର୍ଥିକ ଅନୁଦାନ ପାଉଥିବା ବ୍ୟକ୍ତି ବା ସଂସ୍ଥା କ୍ଷେତ୍ରରେ ଲୋକପାଳ ଉପଯୁକ୍ତ ଉପାୟରେ ଅର୍ଥ ବିନିଯୋଗ ହେଉଅଛି କି ନାହିଁ ତାହା ନିରୀକ୍ଷଣ କରିବ ।

୧– କ୍ଲଜ ୧୪(୧)–ଜି ର ଚତୁର୍ଥ ଧାଡ଼ିର ସଂଶୋଧନ କରିବା ଆବଶ୍ୟକ ।

୨–କ୍ଲଜ ୧୪(୧)–ଏଚ ର ତୃତୀୟ ଓ ଚତୁର୍ଥ ଧାଡ଼ି ମଧ୍ୟ ସଂଶୋଧିତ ହେବା ଆବଶ୍ୟକ । କାରଣ ଏନ.ଜି.ଓ, ଟ୍ରଷ୍ଟ ତଥା ସୋସାଇଟି ଗୁଡ଼ିକର ଆର୍ଥିକ ବ୍ୟାପାର ନେଇ ଲୋକପାଳ ଆଦୌ ହସ୍ତକ୍ଷେପ କରିପାରିବେ ନାହିଁ ।

**ତଦନ୍ତର ପ୍ରକ୍ରିୟା**

କ୍ଲଜ ୨୦ ଅନୁଯାୟୀ ତଦନ୍ତର ପ୍ରକ୍ରିୟା ଯେପରି ହୋଇଅଛି ତାହା ଦ୍ୱନ୍ଦ୍ୱରେ ପକାଇବା ସହ ବହୁ ସମସ୍ୟା ମଧ୍ୟ ସୃଷ୍ଟି କରିବାର ସମ୍ଭାବନା ଦେଖାଏ । ନିମ୍ନୋକ୍ତ କେତେକ କଥାକୁ ଦୃଷ୍ଟିରେ ରଖି ଏହାର ମଧ୍ୟ ସଂଶୋଧନ ହେବା ଆବଶ୍ୟକ ।

୧–କୌଣସି ଅଭିଯୋଗ ପାଇବା ପରେ ଲୋକପାଳ ଉକ୍ତ ଘଟଣାକୁ ତଦନ୍ତ ପାଇଁ ପଠାଇ ପାରେ ବା ନିଜ ତଦନ୍ତ ସଂସ୍ଥା ମାଧ୍ୟମରେ ଯେପରି ସି.ବି.ଆଇ ପାର୍ଲିଆମେଣ୍ଟାରୀ ତଦନ୍ତ ପାଇଁ ଆଦେଶ ଦେଇପାରେ ।

୨–ପାର୍ଲିଆମେଣ୍ଟାରୀ ତଦନ୍ତ ପାଇଁ ତଦନ୍ତକାରୀ ସଂସ୍ଥାକୁ ରେକର୍ଡ଼ ସହ ସମସ୍ତ ତଥ୍ୟ ଅନୁଯାୟୀ ଯିବାକୁ ହେବ ।

୩–ପାର୍ଲିଆମେଣ୍ଟାରୀ ତଦନ୍ତ ପରେ ତଦନ୍ତକାରୀ ସଂସ୍ଥା କେଶର କେଶକୁ ଅନୁଧ୍ୟାନ କରି ତାହାକୁ ଅନ୍ତିମ ନିଷ୍ପତ୍ତି ପାଇଁ ଲୋକପାଳଙ୍କ ପାଖକୁ ପଠାଇବ ।

୪–ଲୋକପାଳ ସି.ବି.ଆଇ ଭଳି ଅନ୍ୟ ତଦନ୍ତକାରୀ ସଂସ୍ଥାକୁ ମଧ୍ୟ ତଦନ୍ତର ଭାର ଦେଇପାରେ ।

୫–ତଦନ୍ତ ଶେଷ ହେବା ପରେ ତଦନ୍ତକାରୀ ସଂସ୍ଥା ଲୋକପାଳକୁ ଏକ ରିପୋର୍ଟ ଦେବ । ସେ ଉକ୍ତ କେଶକୁ ବନ୍ଦ କରି ପାରନ୍ତି ବା କ୍ରିମିଲାନାଲ ପ୍ରୋସିଡ଼ିୟର କୋଡ଼ ଅନୁଯାୟୀ କେଶକୁ ଫାଇଲ କରି ପାରନ୍ତି ।

୬–ତାହା ପରେ ଲୋକପାଳ ତଦନ୍ତକାରୀ ସଂସ୍ଥାକୁ ଉକ୍ତ ସରକାରୀ ଚାକିରିଆଙ୍କ ବିରୋଧରେ ଦଣ୍ଡ ବିଧାନ କରିବା ପାଇଁ ନିର୍ଦ୍ଦେଶ ଦେଇ ପାରନ୍ତି ବା ନିଜ ସଂସ୍ଥା ମାଧ୍ୟମରେ ଦଣ୍ଡ ବିଧାନ କରିପାରନ୍ତି ।

**ଲୋକପାଳ ତଥା ବିବେଚନା କମିଟିର ସଦସ୍ୟଙ୍କ ନିଯୁକ୍ତି ନେଇ ଆରକ୍ଷଣର ବ୍ୟବସ୍ଥା**

କୌଣସି ଆରକ୍ଷଣରେ ଯେପରି ଏତିକିରୁ କମ ହେବନି ବୋଲି ଦର୍ଶାଗଲେ ତାହା ଆଦୌ ସ୍ୱଷ୍ଟ ହୁଏନାହିଁ । ତାହା ପୂରାପୂରି ୧୦୦% କୁ ମଧ୍ୟ ସୂଚାଇପାରେ । ଏପରି ଆରକ୍ଷଣର ବ୍ୟବସ୍ଥା ଅଣସାମ୍ବିଧାନିକ । ତେଣୁ ଉକ୍ତ ଆରକ୍ଷଣ ବ୍ୟବସ୍ଥା ନେଇ ବିଲରେ ସଂଶୋଧନ ଆବଶ୍ୟକ ଓ ମାନ୍ୟବର ସୁପ୍ରିମ କୋର୍ଟ ତରଫରୁ ଆରକ୍ଷଣ ଉପରେ ଅଙ୍କୁଶ ଲଗାଇବା ଉଚିତ । ସେଥିରେ ଯେଉଁ ସଂଖ୍ୟାଲଘୁ ଶବ୍ଦ ବ୍ୟବହାର କରାଯାଇଅଛି, ତାହା ମଧ୍ୟ ସମ୍ବିଧାନର ନୀତି ନିୟମାନୁଯାୟୀ ଗ୍ରହଣୀୟ ନୁହେଁ । କାରଣ ସଂଖ୍ୟାଲଘୁ ଶବ୍ଦଟି କୌଣସି ଶ୍ରେଣୀ ବା ବର୍ଗକୁ ସୂଚାଉନାହିଁ । ତାହା ଜାମ୍ମୁ ଓ କାଶ୍ମୀରର ହିନ୍ଦୁଙ୍କୁ

ବା ପଞ୍ଜାବର ହିନ୍ଦୁଙ୍କୁ ମଧ୍ୟ ବୁଝାଇ ପାରେ କି ? କିମ୍ବା ଭାଷା ଗତ ଭାବରେ ସଂଖ୍ୟାଲଘୁମାନେ ଉକ୍ତ ତାଲିକାରେ ଅନ୍ତର୍ଭୁକ୍ତ ହେବେ କି ?

**ତଦନ୍ତକାରୀ ସଂସ୍ଥାରେ ସି.ବି.ଆଇ ର ସ୍ଥାନ**

ଉକ୍ତ ବିଲର ବହୁ ନୀତି ନିୟମରେ ସଂଶୋଧନ ହେବା ନିତ୍ୟାନ୍ତ ଜରୁରୀ । ଯେପରି ଦିଲ୍ଲୀ ପୋଲିସ ସ୍ପେଶାଲ ଏଷ୍ଟାବ୍ଲିସମେଣ୍ଟ ଆକ୍ଟ, ପ୍ରିଭେନ୍ସନ ଅଫ କରପ୍ସନ ଆକ୍ଟ, କ୍ରିମିନାଲ ପ୍ରୋସିଡ଼ିୟର କୋଡ଼ । ଦିଲ୍ଲୀ ପୋଲିସ ଏଷ୍ଟାବ୍ଲିସମେଣ୍ଟ ଆକ୍ଟରେ ସି.ବି.ଆଇ ମୁଖ୍ୟ ତଦନ୍ତକାରୀ ସଂସ୍ଥା ଭାବରେ ଗ୍ରହଣ କରାଯାଇଅଛି । ଶ୍ରୀ ଏ.ପି ସିଂହ, ଡ଼ାଇରେକ୍ଟର ଅଫ ସି.ବି.ଆଇ, ଶ୍ରୀ ଜି.ଇ. ବାହନବତୀ, ଅର୍ଟୋନୀ ଜେନେରାଲ, ଶ୍ରୀ ଏ.ପି ସାହା, ଦିଲ୍ଲୀ ହାଇ କୋର୍ଟର ପୂର୍ବତନ ମୁଖ୍ୟ ବିଚରପତିଙ୍କର ମନ୍ତବ୍ୟରୁ କିଛି ତଳେ ଦିଆଗଲା ।

**ଶ୍ରୀ ଜି.ଇ.ବାହନବତୀ, ଅର୍ଟୋନୀ ଜେନେରାଲ ଅଫ ଇଣ୍ଡିଆ**

ସେ ପ୍ରକାଶ କରିଛନ୍ତି ସେକ୍ସନ ୧୭୩ ଅନୁଯାୟୀ କୋର୍ଟଙ୍କୁ ତାହାର ରିପୋର୍ଟ ଦେବ ଓ ଲୋକପାଳ ମଧ୍ୟ ତାହାର ରିପୋର୍ଟ ଦେବ । ଯେଉଁଠି ଦ୍ୱନ୍ଦ୍ୱ ସୃଷ୍ଟି ହେବାର ସମ୍ଭାବନା ଦେଖାଯାଏ । କୌଣସି କେଶରେ ସି.ବି.ଆଇ କେଶକୁ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ଲୋକପାଳ ତାହାକୁ ଦଣ୍ଡ ବିଧାନ କରିବା ପାଇଁ ରିପୋର୍ଟ ପ୍ରଦାନ କରିଥିବେ । ଏପରି ସ୍ଥଳରେ ବ୍ୟକ୍ତି ଜଣଙ୍କ ସି.ବି.ଆଇ ପାଖକୁ ଯିବାକୁ ସ୍ଥିର କରିବା ସ୍ୱଭାବିକ କଥା । ତେଣୁ ଉକ୍ତ ପ୍ରକିୟାର ସମସ୍ତ ରିପୋର୍ଟ ପ୍ରଥମେ ସ୍ୱଷ୍ଟ ହେବା ଆବଶ୍ୟକ ।

**ଶ୍ରୀ ଏ.ପି ସିଂହ, ଡ଼ାଇରେକ୍ଟର ଅଫ ସି.ବି.ଆଇ**

ସେ ବିବେଚନା କମିଟିରେ ପ୍ରକାଶ କରିଛନ୍ତି କି, ଭ୍ରଷ୍ଟାଚାର ବିରୋଧରେ ହେଉଥିବା ଲଢ଼େଇରେ ସି.ବି.ଆଇର ଭୂମିକା ବହୁତ ଅଧିକ । ଲୋକପାଳର କାର୍ଯ୍ୟପନ୍ଥା ବା ସ୍ଥିତିକୁ ସି.ବି.ଆଇ ବିନା କଳ୍ପନା ମଧ୍ୟ କରାଯାଇ ପାରେନାହିଁ । ଏକ ନିରପେକ୍ଷ ଓ ଦକ୍ଷ ସି.ବି.ଆଇ ହିଁ ଲୋକପାଳକୁ ପ୍ରକୃତ ସଂଗ୍ୟା ଦେଇପାରିବ । ତେଣୁ ଦେଶରେ ଭ୍ରଷ୍ଟାଚାର ବିରୋଧୀ ଅଭିଯାନ ପାଇଁ ସି.ବି.ଆଇ କୁ ସ୍ୱତନ୍ତ୍ର, ନିରପେକ୍ଷ, ସ୍ୱୟଂଚାଳିତ ତଥା ସରକାରଙ୍କ ଠାରୁ ଉର୍ଦ୍ଧ୍ୱରେ ରହିବା ନିହାତି ଆବଶ୍ୟକ ।

**ଜଷ୍ଟିସ ଶ୍ରୀ ଏ.ପି ସାହା**

ସେ ମଧ୍ୟ ପ୍ରକାଶ କରିଛନ୍ତି କି, ସି.ବି.ଆଇ ସହଜରେ ନମନୀୟ ହୋଇପାରେ । ଏପରି ବହୁ ଉଦାହରଣ ତାଙ୍କ ପାଖରେ ଥିଲେ ମଧ୍ୟ ସେ ତାହାକୁ ପ୍ରକାଶ ନକରି କେବଳ କହିଛନ୍ତି କି, ଲୋକପାଳର ଭ୍ରଷ୍ଟାଚାରର କେଶ ସମୟରେ ସି.ବି.ଆଇ ଉପରେ କୌଣସି ପ୍ରକାରର ପ୍ରଶାସନିକ ନିୟନ୍ତ୍ରଣ ନରହିବା ଆବଶ୍ୟକ । ଯେତେବେଳେ ଲୋକପାଳର ନଅ ଜଣ ସଦସ୍ୟ ଉକ୍ତ ସଂସ୍ଥା ଉପରେ ତଦନ୍ତର ଦାୟିତ୍ୱ ଦେଉଛନ୍ତି ସେତେବେଳେ ଏହାର କାର୍ଯ୍ୟପନ୍ଥା, ସ୍ୱଚ୍ଛତା ତଥା ବିଶ୍ୱସନୀୟତା ସ୍ପଷ୍ଟ ହେବା ନିତ୍ୟାନ୍ତ ବାଞ୍ଛନୀୟ । କାରଣ ସାଧାରଣ ସ୍ତରରୁ ଉର୍ଦ୍ଧ୍ୱରେ ପ୍ରଖ୍ୟାତ ରାଜନେତା ଓ ଗଣ୍ୟମାନ୍ୟ ବ୍ୟକ୍ତିଙ୍କ ବିରୁଦ୍ଧରେ ଭ୍ରଷ୍ଟାଚାରର କେଶର ତଦନ୍ତ ଚାଲିବାବେଳେ ତାଙ୍କ ତଦନ୍ତ ପ୍ରକ୍ରିୟାରେ ନିହାତି ଭାବରେ ବ୍ୟାଘାତ ଘଟିବ । ବିଶେଷ କରି ଅଭିଯୁକ୍ତ ଯଦି ଶାସକ ଦଳ ବା ତାଙ୍କ ସହଯୋଗୀ ଦଳର ହୋଇ ଥାଆନ୍ତି ତେବେ ତଦନ୍ତ ନିଶ୍ଚିତ ଭାବରେ ଭନ୍ନ ମୋଡ଼ ନେବ ।

**ଶ୍ରୀ ଶେଖର ସିଂହ, ଏନ.ସି.ପି.ଆର.ଆଇ ର ପ୍ରତିନିଧି**

ଲୋକପାଳର କୌଣସି କେଶ ପରିଚାଳନା କରିବା ସମୟରେ ସି.ବି.ଆଇ ଉକ୍ତ କେଶକୁ ତଦନ୍ତ କରି ଲୋକପାଳଙ୍କ ପାଖକୁ ପଠାଉଛି । ଅନ୍ତିମ ରିପୋର୍ଟ ଲୋକପାଳଙ୍କୁ ଦେବାକୁ ହୋଇଥାଏ । ତେବେ ତଦନ୍ତ ସମୟରେ ସି.ବି.ଆଇ କୁ କିଛିକାଂଶରେ ସ୍ୱାଧୀନତା ଦେବା ନିହାତି ଆବଶ୍ୟକ । ମାତ୍ର ତାହାର ଅର୍ଥ ନୁହେଁ କି ସତାକୁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦେବା । ଯାହା ଦ୍ୱାରା ନା ସେ ସରକାରର ନା ଲୋକପାଳର ଅଧୀନରେ ରହିପାରିବ । ଏହା ଦ୍ୱାରା ପୋଲିସଙ୍କ ପାଇଁ ସଙ୍କଟପୂର୍ଣ୍ଣ ପରିସ୍ଥିତି ଉପୁଜିବ । ଆଜି ଦେଶରେ ରାଜନୀତିର ଚକ୍ରବ୍ୟୁହରେ ଓ ଅପବ୍ୟବହାରରେ ସି.ବି.ଆଇ ତାହାର ବିଶ୍ୱସ୍ତତା ହରାଇ ବସିଛି । ତେଣୁ ସି.ବି.ଆଇ ର ନିୟନ୍ତ୍ରଣ ପରସୋନେଲ ଡ଼ିପାର୍ଟମେଣ୍ଟରୁ ଲୋକପାଳଙ୍କ ପାଖକୁ ବଦଳାଯିବା ଆବଶ୍ୟକ ।

–ସି.ବି.ଆଇ ର ଦୁଇଟି ଶାଖା ରହିବ । ସି.ବି.ଆଇ ର ଡ଼ାଇରେକ୍ଟର ସଂସ୍ଥାର ମୁଖ୍ୟ ରହିବେ ଓ ତାଙ୍କ ଅଧୀନରେ ଏକ ଭିନ୍ନ ପ୍ରସିକ୍ୟୁସନ ଡ଼ାଇରେକ୍ଟର ରହିବେ ।

–ସି.ବି.ଆଇର ଉଭୟ ଶାଖା ସ୍ୱତନ୍ତ୍ର ଭାବରେ କାର୍ଯ୍ୟପନ୍ଥା ଗ୍ରହଣ କରିବେ ।

–ଉକ୍ତ ଡ଼ାଇରେକ୍ଟର ମାନେ, ପ୍ରଧାନ ମନ୍ତ୍ରୀ, ବିରୋଧୀ ଦଳର ନେତା, ଲୋକସଭା, ଲୋକପାଳର ଅଧ୍ୟକ୍ଷ ଆଦିଙ୍କ ଦ୍ୱାରା ନିଯୁକ୍ତ ହେବେ ।

–ଉଭୟ ଡ଼ାଇରେକ୍ଟରଙ୍କର ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟକାଳ ରହିବ ।

–ଉଭୟ ଡ଼ାଇରେକ୍ଟରଙ୍କର ଚାକିରି ପରେ ପୁନଃ ସରକାରୀ ଚାକିରିରେ ନିଯୁକ୍ତି ବ୍ୟବସ୍ଥା ରହିବ ନାହିଁ ।

–କୌଣସି କେଶର ତଦନ୍ତ ସମୟରେ ନିରୀକ୍ଷଣ ଓ ସି.ବି.ଆଇକୁ ମାର୍ଗ ଦେଖାଇବା ଆଦି ସମସ୍ତ କ୍ଷମତା ଲୋକପାଳଙ୍କ ପାଖରେ ଠୁଳ ହେବ ।

–କୌଣସି କେଶର ତଦନ୍ତ ମଝିରୁ ଯଦି ଉକ୍ତ ଅଫିସରଙ୍କୁ ବଦଳି କରାଯାଏ ତେବେ ସେଥିପାଇଁ ଲୋକପାଙ୍କ ପରାମର୍ଶ ଓ ଅନୁମୋଦନ ଲୋଡ଼ା ।

–ସି.ବି.ଆଇ କୁ ପରାମର୍ଶ ଦେବା ପାଇଁ ଯେଉଁ ଆଇବିଡ୍ ମଣ୍ଡଳି ରହିବେ ସେମାନେ ସରକାରଙ୍କ ଠାରୁ ସ୍ୱତନ୍ତ୍ର ହେବେ । ସେମାନେ ଲୋକପାଳଙ୍କ ଅନୁମୋଦନ ପାଇ ପ୍ରୋସିକ୍ୟୁସନର ଡ଼ାଇରେକ୍ଟରଙ୍କ ଦ୍ୱାରା ନିଯୁକ୍ତ ହେବେ ।

**ଅରୁଣ ଜେଟଲୀ**

**ରାଜୀବ ପ୍ରତାପ ରୁଡ଼ୀ**

**ଭୂପେନ୍ଦର ଯାଦବ**

**(ଲୋକପାଳ ଓ ଲୋକାୟୁକ୍ତ ବିଲ ୨୦୧୨, ରାଜ୍ୟସଭା ବିବେଚନା କମିଟିର ସଦସ୍ୟ )**